# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

ୟୁନିଟ୍-୮, ଭୁବନେଶ୍ୱର -୧୨

ସ୍ଥାପିତ - ୧୯୮୩

# Prospectus





ଯୋଗାଯୋଗ - (୦୬୭୪) ୨୫୬୧୧୩୧

visit us at - www.ssvmu8bbsr.in

E-mail : pradhanacharyau8@gmail.com


ଭାରତୀୟ ସଂସ୍କୃତି ଓ ମୂଲ୍ୟବୋଧ ଆଧାରିତ

ଓଡ଼ିଶା ସରକାରଙ୍କ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟ ଓ ଶିକ୍ଷା ବିକାଶ ସମିତିଙ୍କ ଦ୍ୱାରା ସହବନ୍ଧିତ ।






ଗାଇଡ୍ ଭଉଣୀ



ସ୍କାଉଟ୍ ଭାଇ ଭଉଣୀ



ଯୋଗ କ୍ଲାସ୍



ଗୁରୁ ପୂଜନ ଉତ୍ସବ

## ୨୦୦୭ ରୁ ୨୦୧୮ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଆମ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରଛାତ୍ରୀ

| କ୍ରମିକ ନଂ. | ଛାତ୍ର ଓ ଛାତ୍ରୀଙ୍କ ନାମ | ପୂର୍ଣ୍ଣାଙ୍କ | ପ୍ରାପ୍ତାଙ୍କ | ଶତକଡ଼ା ପ୍ରାପ୍ତାଙ୍କ | ରାଜ୍ୟ ସ୍ତରରେ ସ୍ଥାନ | ଶିକ୍ଷାବର୍ଷ |
|---|---|---|---|---|---|---|
| ୧. | ପ୍ରଜ୍ଞା ପାରମିତା ପ୍ରଧାନ | ୮୦୦ | ୭୬୫ | ୯୫.୬୨ | ୧ମ | ୦୭-୦୮ |
| ୨. | ଦେବକାନ୍ତ ମଲ୍ଲିକ | ୮୦୦ | ୭୪୩ | ୯୨.୮୭ | ୨୦ତମ | ୦୭-୦୮ |
| ୩. | ଆର୍ଯ୍ୟ ପ୍ରକାଶ ପାଢ଼ୀ | ୬୦୦ | ୫୬୯ | ୯୪.୮୩ | ଷଷ୍ଠ | ୦୮-୦୯ |
| ୪. | ଦେବାଶିଷ ସାହୁ | ୬୦୦ | ୫୬୩ | ୯୩.୮୩ | ଦ୍ୱାଦଶ | ୦୮-୦୯ |
| ୫. | ଅଭିଳାଷ ମାଝି ସାମନ୍ତ | ୬୦୦ | ୫୬୧ | ୯୩.୫ | ତ୍ରୟୋଦଶ | ୦୮-୦୯ |
| ୬. | ସମାପିକା ପଣ୍ଡା | ୬୦୦ | ୫୬୦ | ୯୩.୩୩ | ପଞ୍ଚଦଶ | ୦୮-୦୯ |
| ୭. | ଅନନ୍ୟା ଦାଶ | ୬୦୦ | ୫୫୯ | ୯୩.୧୨ | ଷୋଡ଼ଶ | ୦୮-୦୯ |
| ୮. | ଶ୍ରାବଣୀ ନାୟକ | ୬୦୦ | ୫୬୪ | ୯୪ | ଦଶମ | ୦୯-୧୦ |
| ୯. | ଅମ୍ରିତ କୁମାର ମୁଦୁଲି | ୬୦୦ | ୫୬୨ | ୯୩.୬୬ | ଦ୍ୱାଦଶ | ୦୯-୧୦ |
| ୧୦. | ମାନସ ରଂଜନ | ୬୦୦ | ୫୬୨ | ୯୩.୬୬ | ଦ୍ୱାଦଶ | ୦୯-୧୦ |
| ୧୧. | ଅର୍ପିତା ଦେବଶ୍ରୀ | ୬୦୦ | ୫୫୯ | ୯୩.୧୬ | ପଞ୍ଚଦଶ | ୦୯-୧୦ |
| ୧୨. | ଅନନ୍ୟା ଅନୁରାଧା | ୬୦୦ | ୫୫୮ | ୯୩ | ଷୋଡଶ | ୦୯-୧୦ |
| ୧୩. | ଦିବ୍ୟ ରଂଜନ ମିଶ୍ର | ୬୦୦ | ୫୭୦ | ୯୫ | ଚତୁର୍ଦ୍ଦଶ | ୧୧-୧୨ |
| ୧୪. | ବିଶାଳକାନ୍ତ ରାଉଳ | ୬୦୦ | ୫୭୧ | ୯୫.୧୬ | - | ୧୨-୧୩ |
| ୧୫. | ଅନନ୍ୟା ଗରାବଡୁ | ୬୦୦ | ୫୬୪ | ୯୪ | - | ୧୩-୧୪ |
| ୧୬. | ଆଶୀର୍ବାଦ ବେହେରା | ୬୦୦ | ୫୫୯ | ୯୩.୧୬ | - | ୧୪-୧୫ |
| ୧୭. | ସୌମ୍ୟ ରଂଜନ ସାହୁ | ୬୦୦ | ୫୭୬ | ୯୬ | - | ୧୫-୧୬ |
| ୧୮. | ଆକର୍ଷିତ ମହାପାତ୍ର | ୬୦୦ | ୫୭୦ | ୯୫ | - | ୧୬-୧୭ |
| ୧୯. | ଚିନ୍ମୟ କୁମାର ବେହେରା | ୬୦୦ | ୫୮୧ | ୯୬.୮୩ | - | ୧୭-୧୮ |

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

**ୟୁନିଟ୍-୮, ଭୁବନେଶ୍ୱର**

ସରସ୍ୱତୀ ଶିଶୁ ମନ୍ଦିର ଯୋଜନାର ଲକ୍ଷ୍ୟ ଭାରତରେ କାର୍ଯ୍ୟରତ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନଠାରୁ ସଂପୂର୍ଣ୍ଣ ଭିନ୍ନ ତଥା ସ୍ୱତନ୍ତ୍ର । ଏଠାରେ ଶିଶୁମାନଙ୍କୁ ଶିକ୍ଷାଦାନ ମାଧ୍ୟମରେ ପ୍ରଗାଢ଼ ଦେଶ ପ୍ରେମରେ ଅନୁରକ୍ତ କରାଇବା ତଥା ଉତ୍ତମ ଚରିତ୍ର ନିର୍ମାଣ ନିମନ୍ତେ ପ୍ରୟାସ କରାଯାଇଥାଏ । ଉଭୟ ଶାରୀରିକ ଓ ବୌଦ୍ଧିକ ଦୃଷ୍ଟିରୁ ସେମାନଙ୍କୁ ଭବିଷ୍ୟତ ଜୀବନରେ ସୁସଂଯତ, ସୁସଂସ୍କୃତ ଓ ଆଧ୍ୟାତ୍ମବାଦୀ କରିବାର ଶିକ୍ଷା ପ୍ରଦାନ କରାଯାଇଥାଏ । ଏହିଭଳି ଏକ ମହତ୍ତର ଲକ୍ଷ୍ୟର ଅନୁଗାମୀ ସରସ୍ୱତୀ **ଶିଶୁ ବିଦ୍ୟାମନ୍ଦିର ୟୁନିଟ୍-୮**, ଭୁବନେଶ୍ୱର **୧୯୮୩** ମସିହାରୁ ସ୍ଥାପିତ ହୋଇ ଶିଶୁମାନଙ୍କର ସର୍ବାଙ୍ଗୀଣ ବିକାଶ ପାଇଁ କାର୍ଯ୍ୟରତ । ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ- **'ବିଦ୍ୟାଭାରତୀ'**ଙ୍କ ପ୍ରାଦେଶିକ ସଂଗଠନ **'ଶିକ୍ଷା ବିକାଶ ସମିତି'** ଓଡ଼ିଶାଙ୍କ ସହ ଅନୁବନ୍ଧିତ, ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତୀପ୍ରାପ୍ତ ତଥା ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶାଙ୍କଠାରେ ପଞ୍ଜୀକୃତ ଏହି ବିଦ୍ୟାଳୟ ସମଗ୍ର ରାଜ୍ୟରେ ନିଜର ସ୍ୱତନ୍ତ୍ର୍ୟ ପାଇଁ ପ୍ରସିଦ୍ଧି ଲାଭ କରିଅଛି ।

## ଶିକ୍ଷାଦାନ ବ୍ୟବସ୍ଥା :

ବିଦ୍ୟାଭାରତୀଙ୍କ ଯୋଜନାନୁଯାୟୀ ପ୍ରାକ୍-ପ୍ରାଥମିକ ଶିକ୍ଷା **"ଶିଶୁବାଟିକା"** ନାମରେ ପରିଚିତ । ଏହି ପର୍ଯ୍ୟାୟରେ **"ଶିଶୁ ପ୍ରାରମ୍ଭ"** ଓ **"ଶିଶୁବୋଧ"** ଶ୍ରେଣୀ ଅନ୍ତର୍ଭୁକ୍ତ । ମାତ୍ର ତିନିବର୍ଷ ବୟସର ଶିଶୁ ପାଖରୁ ଆରମ୍ଭ ହେଉଥିବା ଏହି ବ୍ୟବସ୍ଥା ସଂପୂର୍ଣ୍ଣ ଅନୌପଚାରିକ (Non-formal) ଓ କ୍ରିୟା-ଆଧାରିତ (Activity-oriented) ଅଟେ । କୋମଳମତି ଶିଶୁମାନଙ୍କୁ କାହାଣୀ, ଗୀତ ଓ ଖେଳ ମାଧ୍ୟମ (Playway-method) ରେ ଶିକ୍ଷା ପ୍ରଦାନ କରାଯାଇ ସେମାନଙ୍କ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଥାଏ । ଏତତ୍‌ବ୍ୟତୀତ ପ୍ରଥମ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଣିତ ପାଠ୍ୟ ଖସଡ଼ା ଓ ଶିକ୍ଷା ବିକାଶ ସମିତିଙ୍କ ମାର୍ଗଦର୍ଶନ ଆଧାରରେ ଶିକ୍ଷାଦାନ କରାଯାଇଥାଏ । ଏଠାରେ ଶିକ୍ଷାଦାନର ମାଧ୍ୟମ ଓଡ଼ିଆ ଅଟେ । ମାତ୍ର ୧ମ ଶ୍ରେଣୀଠାରୁ ଇଂରାଜୀ, ସଂସ୍କୃତ ଓ ହିନ୍ଦୀ (୨ୟ ଶ୍ରେଣୀ ଠାରୁ) ଭାଷାର ଶିକ୍ଷାଦାନ କରାଯାଇଥାଏ । ଉଲ୍ଲେଖନୀୟ ଯେ, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାଙ୍କ ଦ୍ୱାରା ୨୦୦୩-୦୪ ଶିକ୍ଷାବର୍ଷଠାରୁ ସ୍ୱୀକୃତି ପ୍ରାପ୍ତ ଆମ ବିଦ୍ୟାଳୟ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ କ୍ରମାଗତ ଭାବେ ସଫଳତା ହାସଲ କରି ସମଗ୍ର ଓଡ଼ିଶାରେ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ହୋଇ ପାରିଛି । ୨୦୧୫-୧୬ ଶିକ୍ଷାବର୍ଷ ଠାରୁ Digital Smart Class ମାଧ୍ୟମରେ ଶିଶୁଙ୍କୁ ଶିକ୍ଷାଦାନ କରିବାର ପଦ୍ଧତି ଅବଲମ୍ବନ କରାଯାଇଛି ।

## ଶାରୀରିକ ଓ ଯୋଗଶିକ୍ଷା :

'ଶରୀରମାଦ୍ୟଂ ଖଲୁଧର୍ମ ସାଧନଂ' । ଶୈଶବାବସ୍ଥାରୁ ଶରୀର ଓ ମନର ସୁସ୍ଥତା ତଥା ଆତ୍ମିକ ବିକାଶ ପାଇଁ ନିୟମିତ ବ୍ୟାୟାମ, ଯୋଗ ଓ ବିଭିନ୍ନ କ୍ରୀଡ଼ା କୌଶଳ ଶିକ୍ଷା ଦେବାର ବ୍ୟବସ୍ଥା କରାଯାଇଥାଏ । ବିଭିନ୍ନ ପ୍ରାଦେଶିକ ଓ ରାଷ୍ଟ୍ରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଆମ ଶିଶୁମାନେ ଅଂଶଗ୍ରହଣ କରି ସଫଳତା ପାଇ ଆସୁଅଛନ୍ତି ।

## ବିଜ୍ଞାନ ଶିକ୍ଷା :

ବିଜ୍ଞାନ ସମ୍ବନ୍ଧରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିବା ସକାଶେ ଆବଶ୍ୟକ ବିଜ୍ଞାନ ଉପକରଣ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଦର୍ଶନ କରାଇବାର ବ୍ୟବସ୍ଥା ରହିଛି । ବିଜ୍ଞାନର ସମସ୍ତ ପ୍ରସଙ୍ଗକୁ Smart Class ର ଦୃଶ୍ୟ ଶ୍ରାବ୍ୟ (Audio Visual) ମାଧ୍ୟମରେ ପ୍ରତ୍ୟେକ୍ଷ ଧାରଣା ଦିଆଯାଉଛି । ସ୍ୱତନ୍ତ୍ର ଭାବେ ନିର୍ମିତ ବିଜ୍ଞାନାଗାରରେ ଆବଶ୍ୟକ ପରୀକ୍ଷଣ କରିବାର ବ୍ୟବସ୍ଥା ରହିଛି । ପ୍ରତିବର୍ଷ ବିଦ୍ୟାଳୟରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହେବା ସହ ଶିଶୁମାନେ ପ୍ରାଦେଶିକ ଓ ରାଷ୍ଟ୍ରୀୟ ସ୍ତରରେ ମଧ୍ୟ ପାରଦର୍ଶିତା ଲାଭ କରୁଅଛନ୍ତି ।

## କମ୍ପ୍ୟୁଟର :

୨୦୧୧-୨୦୧୨ ଶିକ୍ଷାବର୍ଷଠାରୁ ୪ର୍ଥ ଠାରୁ ୯ମ ପର୍ଯ୍ୟନ୍ତ ଶିଶୁମାନଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରିବା ପୂର୍ବକ ସ୍ୱୀକୃତୀପ୍ରାପ୍ତ ଅନୁଷ୍ଠାନ ମାଧ୍ୟମରେ ପରୀକ୍ଷା ଅନୁଷ୍ଠିତ କରାଇ ସେ ସମ୍ବନ୍ଧୀୟ ପ୍ରମାଣ ପତ୍ର ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ଏଥିପାଇଁ ବିଦ୍ୟାଳୟରେ ଏକ ଭବ୍ୟ ଅତ୍ୟାଧୁନିକ କମ୍ପ୍ୟୁଟର ଲ୍ୟାବ୍ ପ୍ରତିଷ୍ଠା କରାଯାଇଅଛି ।

## ପ୍ରତିଯୋଗିତା

ଶିଶୁର ଅନ୍ତର୍ନିହିତ ସୃଜନାତ୍ମକ ଶକ୍ତିର ବିକାଶ ନିମନ୍ତେ ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା ଯଥା- ବକ୍ତୃତା, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ଝୋଟି, ଗୀତାବୃତ୍ତି, ଯୋଗାସନ କୌତୂକ ପୋଷାକ ପ୍ରତିଯୋଗିତା ଆଦି କରାଯାଇଥାଏ । କୃତୀ ଛାତ୍ରଛାତ୍ରୀମାନଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଏ । ଜନ୍ମାଷ୍ଟମୀ ଅବସରରେ ଶିଶୁବାଟିକା ଶିଶୁମାନଙ୍କର **କୃଷ୍ଣବେଶ** ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଏ । ଆମ୍ଭ ବିଦ୍ୟାଳୟର ଶିଶୁମାନେ ରାଜ୍ୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ନିୟମିତ ଭାବରେ କୃତକାର୍ଯ୍ୟ ହୋଇ ବିଦ୍ୟାଳୟର ଗୌରବ ବୃଦ୍ଧି କରି ଆସୁଛନ୍ତି ।

## ପାଠ୍ୟେତର କାର୍ଯ୍ୟକ୍ରମ

ଶିଶୁମାନଙ୍କୁ ଶୃଙ୍ଖଳିତ, ସ୍ୱାବଲମ୍ବୀ, ମାନସିକ ସ୍ତରରେ ଦକ୍ଷ ତଥା ଜୀବନରେ ଯେ କୌଣସି ପ୍ରତିକୂଳ ପରିସ୍ଥିତିକୁ ସଫଳତାର ସହ ମୁକାବିଲା କରିବା ପାଇଁ ଶିକ୍ଷାଦେବା ଉଦ୍ଦେଶ୍ୟରେ ବିଦ୍ୟାଳୟରେ ଉଭୟ ବାଳକ ଓ ବାଳିକାମାନଙ୍କ ପାଇଁ N.C.C (Air wing) Unit ଖୋଲାଯାଇଛି । ଏତଦ୍‌ବ୍ୟତୀତ ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବାଳକମାନଙ୍କ ପାଇଁ ସ୍କାଉଟ୍ ଓ ବାଳିକାମାନଙ୍କ ପାଇଁ ଗାଇଡ୍ ତାଲିମ ପ୍ରଦାନ କରାଯାଉଅଛି ।

## ଛାତ୍ରାବାସ :

ଓଡିଶାର ବିଭିନ୍ନ ଜିଲ୍ଲାର ଅଭିଭାବକଙ୍କ ଅନୁରୋଧ କ୍ରମେ ବିଦ୍ୟାଳୟରେ ୨୦୧୮-୧୯ ଶିକ୍ଷା ବର୍ଷଠାରୁ ଛାତ୍ରାବାସ ଖୋଲାଯାଇ ଶିଶୁମାନଙ୍କର ଶୈକ୍ଷିକ ବିକାଶ ସହିତ ସର୍ବାଙ୍ଗୀଣ ବିକାଶ ନିମନ୍ତେ ବିଭିନ୍ନ ବ୍ୟବସ୍ଥା କରାଯାଇଅଛି।

## ପାଠ୍ୟୋପକରଣ

ଶିକ୍ଷାକୁ ପ୍ରାଣବନ୍ତ କରିବା ପାଇଁ ଅଭିଜ୍ଞ ଆଚାର୍ଯ୍ୟ ଆଚାର୍ଯ୍ୟାମାନଙ୍କ ଦ୍ୱାରା ଆବଶ୍ୟକ ଉପକରଣ ପ୍ରୟୋଗ କରାଯାଇ ଶିକ୍ଷାଦାନ କରାଯାଏ । ଶିଶୁମାନଙ୍କର ଆବଶ୍ୟକ ଖାତା, ବହି (ସରକାରୀ ପାଠ୍ୟ ପୁସ୍ତକ ବ୍ୟତୀତ), ପରିଚୟ ପତ୍ର ଓ ବେଲ୍ଟ ଆଦି ଉଚିତ୍ ମୂଲ୍ୟ ବିନିମୟରେ ଯୋଗାଇ ଦିଆଯାଏ । କର୍ମଶାଳା ମାଧ୍ୟମରେ ଶିକ୍ଷଣ ସାମଗ୍ରୀ (TLM) ପ୍ରସ୍ତୁତି ଓ ପ୍ରୟୋଗ ବ୍ୟବସ୍ଥା କରାଯାଏ

## ନିରୀକ୍ଷଣ ଓ ପରୀକ୍ଷା ବ୍ୟବସ୍ଥା :

ଶିଶୁ ପ୍ରାରମ୍ଭ ଓ ଶିଶୁବୋଧ ଶ୍ରେଣୀର ପରୀକ୍ଷା ବ୍ୟବସ୍ଥା ନିରୀକ୍ଷଣ ଆଧାରରେ କରାଯାଇ ମୂଲ୍ୟାଙ୍କନ ପୁସ୍ତିକାରେ ଅଭିଭାବକ ମାନଙ୍କୁ ଅବଗତ କରାଯାଏ । ୧ମ ଶ୍ରେଣୀରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ଚାରିଗୋଟି ଏକକ ପରୀକ୍ଷା, ଅର୍ଦ୍ଧବାର୍ଷିକ ପରୀକ୍ଷା ଓ ବାର୍ଷିକ ପରୀକ୍ଷା କରାଯାଏ । ଦଶମ ଶ୍ରେଣୀ ପାଇଁ ଗୋଟିଏ ଏକକ ପରୀକ୍ଷା, ପ୍ରାକ୍-ନିର୍ବାଚନୀ, ନିର୍ବାଚନୀ ଏବଂ ପ୍ରାକ୍-ବୋର୍ଡ଼ ପରୀକ୍ଷା କରାଯାଇଥାଏ ।

## ମେଧାବୃତ୍ତି ଓ ଛାତ୍ରବୃତ୍ତି ବ୍ୟବସ୍ଥା :

ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ପାଇଁ ୩ୟ, ୫ମ, ୭ମ ଓ ୯ମ ଶ୍ରେଣୀ ପାଇଁ ଶିକ୍ଷାବିକାଶ ସମିତିଙ୍କ ତରଫରୁ ପ୍ରାଦେଶିକ ମେଧା ପରୀକ୍ଷା ଓ ଶ୍ରୀଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷା, ରାଜ୍ୟ ସରକାରଙ୍କ ଛାତ୍ରବୃତ୍ତି ପରୀକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି । କୃତୀ ଛାତ୍ର-ଛାତ୍ରୀମାନଙ୍କୁ ନଗଦ ଅର୍ଥ ଆକାରରେ ବୃତ୍ତି ପ୍ରଦାନର ବ୍ୟବସ୍ଥା ରହିଛି । ମାଟ୍ରିକ ପରୀକ୍ଷାର କୃତୀଛାତ୍ର-ଛାତ୍ରୀମାନଙ୍କ ପାଇଁ ସ୍ୱତନ୍ତ୍ର ପୁରସ୍କାରର ବ୍ୟବସ୍ଥା ମଧ୍ୟ ଅଛି ।

## ପୁସ୍ତକାଳୟ

ଛାତ୍ରଛାତ୍ରୀମାନଙ୍କ ଜ୍ଞାନର ବିକାଶ ପାଇଁ ବିଦ୍ୟାଳୟରେ ପଠନ ଉପଯୋଗୀ ବହୁବିଧ ପୁସ୍ତକ ଯଥା ଗଳ୍ପ, କବିତା, ବିଜ୍ଞାନ, ମହାପୁରୁଷଙ୍କ ଜୀବନୀ, ନାଟକ, ବେଦ, ଭାଷାକୋଷ ଓ ଅନ୍ୟାନ୍ୟ ସଦ୍‌ଗ୍ରନ୍ଥ ଗଚ୍ଛିତ ରହିଛି । ଗଣିତ, ବିଜ୍ଞାନ, ଓଡ଼ିଆ, ସଂସ୍କୃତ, ହିନ୍ଦୀ, ଇଂରାଜୀ ଆଦି ବିଷୟର ଅନେକ ସହାୟକ ପୁସ୍ତକ ଅଧ୍ୟୟନ ତଥା ଉଚ୍ଚତର ଗବେଷଣା ପାଇଁ ବିଦ୍ୟାଳୟ ପାଠାଗାରରେ ଉପଲବ୍ଧ ହେଉଅଛି । ଶିଶୁମାନଙ୍କୁ ନିୟମିତ ପୁସ୍ତକାଳୟର ପୁସ୍ତକ ପ୍ରଦାନ ସହିତ ପାଠାଗାରରେ ବସି ପଢ଼ିବାର ସୁଯୋଗ ପ୍ରଦାନ କରାଯାଉଅଛି । ଶିଶୁବାଟିକା ପତ୍ରିକା, ଶିକ୍ଷାସୃଜନୀ, ଓଡ଼ିଆ, ଇଂରାଜୀ ଭାଷାରେ ଖବରକାଗଜ ବିଭିନ୍ନ ବିଜ୍ଞାନ, ଗଣିତ ପତ୍ରିକା ଓ ଅନ୍ୟାନ୍ୟ ମାସିକ ପତ୍ରିକା ମଧ୍ୟ ପାଠାଗାରରେ ଉପଲବ୍ଧ ।

## ମାତୃ ସମ୍ମିଳନୀ ଓ ଅଭିଭାବକ ବୈଠକ:

'ଜନନୀ' ଶିଶୁର ଆଦି ଗୁରୁର ସ୍ଥାନରେ ଅଧିଷ୍ଠିତା । ଏଣୁ 'ଶିଶୁ ପ୍ରାରମ୍ଭ' ରୁ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ଶିଶୁମାନଙ୍କର ମାଆମାନେ ଶିକ୍ଷା ବ୍ୟବସ୍ଥା ସହିତ ପରିଚିତ ହେବା ପାଇଁ **'ମାତୃସମ୍ମିଳନୀ'** ଓ **'ମାତୃ କର୍ମଶାଳା'** ର ଆୟୋଜନ କରାଯାଇଥାଏ । ଏତଦ୍‌ବ୍ୟତୀତ ପ୍ରତ୍ୟେକ ଶ୍ରେଣୀର ଅଭିଭାବକ ବୈଠକ (ଶ୍ରେଣୀ ଅନୁଯାୟୀ) ପୂର୍ବ ସୂଚନା ମୁତାବକ କରାଯାଇଥାଏ ।

## ପରିବାର ସମ୍ପର୍କ

ଶିଶୁମାନଙ୍କର ଶୈକ୍ଷିକ, ସାଂସ୍କୃତିକ ବିକାଶ ତଥା ବ୍ୟକ୍ତିଗତ ଯତ୍ନରେ ଅଭିଭାବକଙ୍କର ମୁଖ୍ୟ ଭୂମିକା ରହିଥାଏ । ଶିଶୁ ବିଦ୍ୟାଳୟରେ ୪ ରୁ ୬ ଘଣ୍ଟା ରହୁଥିବା ବେଳେ ଅବଶିଷ୍ଟ ସମୟ ପରିବାର ସହ ରହିଥାଏ । ତେଣୁ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ପିତା ମାତାଙ୍କ ମଧ୍ୟରେ ସଂପର୍କ ଶିଶୁର ଅଭାବ ଅସୁବିଧା ସମାଧାନରେ ସହାୟକ ହୋଇଥାଏ । ଏଥିପାଇଁ ନିୟମିତ ପରିବାର ସମ୍ପର୍କ କରାଯାଇଥାଏ ।

## ସ୍ୱାସ୍ଥ୍ୟ ପରୀକ୍ଷା:

ପ୍ରତିବର୍ଷ ଅଭିଜ୍ଞ ଚିକିତ୍ସକମାନଙ୍କ ଦ୍ୱାରା ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କ ପରାମର୍ଶ ଅନୁଯାୟୀ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଏ ।

## କନ୍ୟା ଭାରତୀ

୬ଷ୍ଠ ଶ୍ରେଣୀରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଭଉଣୀମାନଙ୍କର ଦୈନନ୍ଦିନ ଜୀବନରେ ଶାରୀରିକ, ମାନସିକ ତଥା ମନସ୍ତାତ୍ତ୍ୱିକ ଉନ୍ନତି ପାଇଁ ସଚେତନାମୂଳକ କାର୍ଯ୍ୟକ୍ରମ ନଭେମ୍ବର/ଡ଼ିସେମ୍ବର ମାସରେ ଅନୁଷ୍ଠିତ ହେଉଛି । ଏଥିରେ ଡ଼ାକ୍ତର, ସମାଜସେବୀ ଓ ମନସ୍ତତ୍ତ୍ୱବିତ୍‌ମାନଙ୍କ ମାର୍ଗଦର୍ଶନ ରହିବା ସହ ଶିଶୁମାନେ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ କରିବାର ସୁଯୋଗ ପାଇଥାନ୍ତି ।

## ପରିଭ୍ରମଣ

ସଂପ୍ରତି କେବଳ ଶିଶୁବାଟିକାର (ପ୍ରାରମ୍ଭ ଓ ବୋଧ ଶ୍ରେଣୀ) ଶିଶୁମାନଙ୍କର ପରିଭ୍ରମଣ ଅନୁଷ୍ଠିତ ହେଉଅଛି । ଅନ୍ୟ ଶ୍ରେଣୀ ଗୁଡ଼ିକର ଶିଶୁମାନଙ୍କ ନିମନ୍ତେ ଏହି ଯୋଜନା ପୁନଃ କାର୍ଯ୍ୟକାରୀ କରାଇବା ନିମନ୍ତେ ପ୍ରୟାସ କରାଯାଉଛି ।

## ଶୃଙ୍ଖଳା ଓ ସମୟାନୁବର୍ତ୍ତିତା

ଶିଶୁ ପ୍ରତ୍ୟହ ବିଦ୍ୟାଳୟରେ ପ୍ରାର୍ଥନା ପୂର୍ବରୁ ପହଞ୍ଚିବା ଆବଶ୍ୟକ । ମୁଖ୍ୟ ଫାଟକ ପ୍ରାର୍ଥନା ପୂର୍ବରୁ ବନ୍ଦ ରଖାଯାଏ ଏବଂ ପ୍ରବେଶ ପାଇଁ ଅନୁମତି ମିଳେ ନାହିଁ ।

## ଜଳପାନ

ଶିଶୁମାନେ ପ୍ରତିଦିନ ଘରୁ ନିରାମିଷ, ଶୁଖିଲା ଓ ରୁଚି ଉପଯୋଗୀ ଘରେ ପ୍ରସ୍ତୁତ ଜଳଖିଆ, ପାଣି ବୋତଲ ଓ ସାଥୀରେ ରୁମାଲ ଆଣିବା ଆବଶ୍ୟକ । ପଲିଥିନ୍ କିମ୍ବା ଜରି ଆବରଣ ଥିବା ଖାଦ୍ୟ ସାମଗ୍ରୀ ବିଦ୍ୟାଳୟରେ ନିଷିଦ୍ଧ ଅଟେ ।

## ଆଚାର୍ଯ୍ୟ ବିକାଶ ଦିବସ

ପ୍ରତ୍ୟେକ ମାସର ଶେଷ କାର୍ଯ୍ୟ ଦିବସଟିକୁ **"ଆଚାର୍ଯ୍ୟ ବିକାଶ ଦିବସ"** ରୂପେ ପାଳନ କରାଯାଏ । ଉକ୍ତ ଦିବସରେ ଶିକ୍ଷାଦାନ କାର୍ଯ୍ୟ ବନ୍ଦ ରହେ । ଆଚାର୍ଯ୍ୟ ଆଚାର୍ଯ୍ୟା ମାନଙ୍କର ଶୈକ୍ଷିକ ଉନ୍ନତି, ବିଭିନ୍ନ କାର୍ଯ୍ୟକ୍ରମର ଯୋଜନା, ଶିଶୁମାନଙ୍କର ଶିକ୍ଷାଦାନରେ ସମସ୍ୟା ଓ ସମାଧାନ ତଥା ଆଗାମୀ ମାସର ପାଠ୍ୟ ଓ ପାଠ୍ୟେତର କାର୍ଯ୍ୟକ୍ରମର ପୂର୍ଣ୍ଣ ରୂପାୟନ ହୁଏ ।

## ଗଣବେଶ :

**(ଶିଶୁ ପ୍ରାରମ୍ଭ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ)**

**ବାଳକ :**

(କ) ନେଭିବ୍ଲୁ ହାଫ୍ ପ୍ୟାଣ୍ଟ, ଧଳା ହାଫ୍ ସାର୍ଟ, କଳା ଯୋତା (ଭେଲ୍‌କ୍ରେଫ୍), ଲାଲ୍ ମୋଜା ଓ ଲାଲ୍ ବେଲ୍‌ଟ ।

(ଖ) ଧଳା ହାଫ୍ ପ୍ୟାଣ୍ଟ, ଧଳା ହାଫ୍ ସାର୍ଟ, ଧଳା ଯୋତା(ଭେଲ୍‌କ୍ରେଫ୍), ଧଳା ମୋଜା ଓ ଲାଲ୍ ବେଲ୍‌ଟ **(କେବଳ ଶନିବାର ପାଇଁ)**

**ବାଳିକା :**

(କ) ନେଭିବ୍ଲୁ ଟିଉନିକ୍ ଫ୍ରକ୍ ଓ ଧଳା ସାର୍ଟ, ଲାଲ ବେଲ୍‌ଟ, ଲାଲ ଚୁଡ଼ି ଓ ଲାଲ୍ ହେୟାର ବ୍ୟାଣ୍ଡ, କଳା ଯୋତା(ଭେଲ୍‌କ୍ରେଫ୍) ଓ ଲାଲ୍ ମୋଜା ।

(ଖ) ଧଳା ଟିଉନିକ୍ ଫ୍ରକ୍ ଓ ଧଳା ସାର୍ଟ, ଲାଲ୍ ବେଲ୍‌ଟ, ଧଳା ଯୋତା(ଭେଲ୍‌କ୍ରେଫ୍) ଓ ଧଳା ମୋଜା, ଧଳା ହେୟାର ବ୍ୟାଣ୍ଡ । **(କେବଳ ଶନିବାର ପାଇଁ)**

(ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ)

**ବାଳକ :**

(କ) ନେଭିବ୍ଲୁ ଫୁଲ୍ ପ୍ୟାଣ୍ଟ, ଧଳା ହାଫ୍ ସାର୍ଟ, ମାଟିଆ ବେଲ୍ଟ, କଳା ଯୋତା ଓ ଧଳା ମୋଜା । (ଷଷ୍ଠ ଓ ସପ୍ତମ ପାଇଁ ଲାଲ୍ ବେଲ୍ଟ)

(ଖ) ଧଳା ଫୁଲ୍ ପ୍ୟାଣ୍ଟ, ଧଳା ହାଫ୍ ସାର୍ଟ, ମାଟିଆ ବେଲ୍ଟ, ଧଳା କାନ୍‌ଭାସ ଓ ଧଳା ମୋଜା । (କେବଳ ଶନିବାର ପାଇଁ)

**ବାଳିକା :**

(କ) ନେଭିବ୍ଲୁ ପଞ୍ଜାବୀ (ହାଇ ନେକ୍) । ଧଳା ଚୁଡ଼ିଦାର, ଧଳା ଓଢ଼ଣୀ, ମାଟିଆ ବେଲ୍ଟ, କଳା ଯୋତା, ଧଳା ମୋଜା, ଧଳାଚୁଡ଼ି, ଧଳା ହେୟାର ବେଣ୍ଡ୍ । (ଷଷ୍ଠ ଓ ସପ୍ତମ ପାଇଁ ଲାଲ୍ ବେଲ୍ଟ)

(ଖ) ଧଳା ଚୁଡ଼ିଦାର ପଞ୍ଜାବୀ, ଧଳା ଓଢ଼ଣୀ, ଧଳା କାନ୍‌ଭାସ ଓ ମୋଜା, ଧଳା ରଙ୍ଗର ଚୁଡ଼ି ଏବଂ ହେୟାର ବେଣ୍ଡ୍ । (କେବଳ ଶନିବାର ପାଇଁ)

## କାର୍ଯ୍ୟନିର୍ଘଣ୍ଟ :

**ପ୍ରାତଃ ପର୍ଯ୍ୟାୟ**

ଶିଶୁ ବାଟିକା (ପ୍ରାରମ୍ଭ ଓ ବୋଧ)
ସକାଳ ଘ.୬.୪୫ ମି. ରୁ ଦିବା ଘ.୧୦.୩୦ମି.
ପ୍ରଥମରୁ ୩ୟ ଶ୍ରେଣୀ : ସକାଳ ଘ.୬.୩୦ ମି. ରୁ ଦିବା ଘ.୧୧.୦୦ମି.
(ଋତୁ ଅନୁସାରେ ସମୟ ପରିବର୍ତ୍ତନୀୟ)

**ଦିବା ପର୍ଯ୍ୟାୟ**

ଚତୁର୍ଥ ରୁ ଦଶମ ଶ୍ରେଣୀ
ଦିବା ଘ.୧୦.୩୦.ମି.ରୁ ଅପରାହ୍ନ ଘ.୪.୩୦.ମି.

## ନାମଲେଖା ବ୍ୟବସ୍ଥା :

ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ଶିଶୁ ପ୍ରାରମ୍ଭ ଶ୍ରେଣୀରେ ନାମ ଲେଖାଇବା ପାଇଁ ବିଜ୍ଞାପନ ପ୍ରକାଶ ହୋଇଥାଏ ଓ ନିୟମାନୁଯାୟୀ ନାମଲେଖା ସମ୍ପନ୍ନ ହୁଏ । କିନ୍ତୁ ଅନ୍ୟ ଶ୍ରେଣୀ ଗୁଡ଼ିକ ପାଇଁ ବାର୍ଷିକ ପରୀକ୍ଷା ଫଳ ପ୍ରକାଶ ପରେ ବିଦ୍ୟାଳୟରେ ଉପଲବ୍ଧ ସ୍ଥାନ ଓ ଛାତ୍ରଛାତ୍ରୀମାନଙ୍କର ମେଧା (Merit) ଆଧାରରେ ନୂତନ ଶିଶୁ ଗ୍ରହଣ କରାଯାଏ । ଚଳିତ ଶିକ୍ଷାବର୍ଷରେ ଜାନୁଆରୀ / ଫେବୃୟାରୀ ମାସରେ ଲେଖାଉଥିବା ଶିଶୁ ବାଟିକା ଶିଶୁଙ୍କପାଇଁ ନୂତନ ଶିକ୍ଷାବର୍ଷ ଆରମ୍ଭ ପର୍ଯ୍ୟନ୍ତ ନିଃଶୁଳ୍କ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଅଛି ।

## <u>ଶିଶୁ ପ୍ରାରମ୍ଭ ଶ୍ରେଣୀ ପାଇଁ :</u>

**(୧)** **<u>ବୟସ ସୀମା</u>:** ତା୦୧/୦୪/୨୦୧୯ରିଖ ସୁଦ୍ଧା ଶିଶୁର ବୟସ (୩+)।ପ୍ରବେଶିକା ବହିରେ ଲେଖାଯାଇଥିବା ଜନ୍ମ ତାରିଖ ପରବର୍ତ୍ତୀ ସମୟରେ କୌଣସି ପରିସ୍ଥିତିରେ ପରିବର୍ତ୍ତନ କରାଯାଇ ପାରିବ ନାହିଁ ।

**(୨)** **<u>ଆବେଦନ ପତ୍ର ମିଳିବା ସମୟ</u> :** ତା ୧୩/୧୨/୨୦୧୮ରିଖ (ଗୁରୁବାର) ଠାରୁ (କେବଳ ଛୁଟି ଦିନ ବ୍ୟତୀତ) **ସମୟ :** ସକାଳ ଘ ୧୦ ଟିକାରୁ ଅପରାହ୍ନ ଘ ୪ଟିକା ।

**(୩)** **ପ୍ରଥମ ପର୍ଯ୍ୟାୟ :** <u>ଯାଞ୍ଚ ଓ ସାକ୍ଷାତକାର</u> : ତା ୦୬/୦୧/୨୦୧୯ରିଖ (ରବିବାର) ।

**<u>ନାମଲେଖା</u>** : ତା ୧୦/୦୧/୨୦୧୯ରିଖ (ଗୁରୁବାର) ।

**ଦ୍ୱିତୀୟ ପର୍ଯ୍ୟାୟ :** <u>ଯାଞ୍ଚ ଓ ସାକ୍ଷାତକାର</u> : ତା ୨୭/୦୧/୨୦୧୯ରିଖ (ରବିବାର) ।

**<u>ନାମଲେଖା</u>** : ତା ୦୭/୦୨/୨୦୧୯ରିଖ (ଗୁରୁବାର) ।

**ତୃତୀୟ ପର୍ଯ୍ୟାୟ :** <u>ଯାଞ୍ଚ ଓ ସାକ୍ଷାତକାର</u> : ତା ୧୭/୦୨/୨୦୧୯ରିଖ (ରବିବାର) ।

**<u>ନାମଲେଖା</u>** : ତା ୨୦/୦୨/୨୦୧୯ରିଖ (ବୁଧବାର) ।

**ସମୟ:** ସକାଳ ଘ୮ଟିକାରୁ ଦିବା ଘ୧୨ଟିକା । ଶିଶୁ ସହିତ ମାତା ପିତା ଉପସ୍ଥିତ ରହିବେ ।
**(ସାକ୍ଷାତକାର ସଂପୂର୍ଣ୍ଣ ଅନୌପଚାରିକ)**

**- ପ୍ରଧାନ ଆଚାର୍ଯ୍ୟ**

**<u>ବି.ଦ୍ର.:</u>**

୧. ଆବେଦନ ପତ୍ର ନିର୍ଭୁଲ ଭାବେ ପୂରଣ କରାଯାଇ, ରସିଦ୍, ୧ଗୋଟି ପାସ୍‌ପୋର୍ଟ ସାଇଜ୍ ଫଟୋ (ରଙ୍ଗୀନ୍), ଜନ୍ମ ପ୍ରମାଣ ପତ୍ରର ନକଲ ଓ ଆଧାର କାର୍ଡ଼ର ନକଲ ଲଗାଇ ପିତା/ମାତାଙ୍କ ପୂର୍ଣ୍ଣ ସ୍ୱାକ୍ଷର ସହ କାର୍ଯ୍ୟାଳୟରେ ଦାଖଲ କରିବେ । ଏଥିରେ କୌଣସି ତ୍ରୁଟି ରହିଲେ ତାହାକୁ ବିଚାରକୁ ନିଆଯିବ ନାହିଁ ।

୨. ପ୍ରତି ମାସର ୬ ରୁ ୧୫ ତାରିଖ ମଧ୍ୟରେ ଓ ମାସର ଶେଷ ଦୁଇ କାର୍ଯ୍ୟଦିବସରେ ବିଦ୍ୟାଳୟରେ ଦେୟ ଦାଖଲ କରିବା ଅନିବାର୍ଯ୍ୟ ଅଟେ । ନଚେତ୍ ପରବର୍ତ୍ତୀ ସମୟରେ ବିଳମ୍ବିତ ଦେୟ ପଡ଼ିବ ।

୩. ଭାରତ ସରକାରଙ୍କ ଶିକ୍ଷା ଅଧିକାର ଆଇନ ୨୦୦୯ ଆଧାରରେ ଅଧିନିୟମ (୯) ଓ (୧୩) କୁ ଯାଦୃଶିକ ପ୍ରଣାଳୀରେ କାର୍ଯ୍ୟକାରୀ କରାଯିବ।

## ଶୁଳ୍କ ସମ୍ବନ୍ଧୀୟ

**ମାସିକ ଶିଶୁ ବିକାଶ ପାଣ୍ଠି (ପାଠ୍ୟ ଶୁଳ୍କ) ୭୦୦ଟଙ୍କା ଏପ୍ରିଲ୍ ମାସଠାରୁ ଦେବାକୁ ପଡ଼ିବ ।**

ନାମ ଲେଖା ସମୟରେ ଶିଶୁ ବିକାଶ ପାଣ୍ଠି ବର୍ଷକ ପାଇଁ ଏକକାଳୀନ ଦାଖଲ କଲେ କେବଳ ଶିଶୁ ବିକାଶ ପାଣ୍ଠି ଉପରେ **ଶତକଡ଼ା ୫ ଭାଗ** ରିହାତି ମିଳିବ । ପରିଚାଳନା ସମିତିର ନିଷ୍ପତ୍ତି ଓ ବିଦ୍ୟାଳୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବର୍ଷ **୧୦ % ଶୁଳ୍କ** ବୃଦ୍ଧି କରାଯାଇପାରେ

## ପ୍ରବେଶ ଶୁଳ୍କ ବିବରଣୀ

(କେବଳ ଶିଶୁ ପ୍ରାରମ୍ଭ ନିମନ୍ତେ)

| | | | |
|---|---|---|---|
| ୧. | ପ୍ରବେଶିକା ଶୁଳ୍କ | ଟ. | ୬୦୦/- |
| ୨. | ଉନ୍ନୟନ | ଟ. | ୧୦,୫୦୦/- |
| ୩. | କ୍ରୀଡ଼ା | ଟ. | ୨୦୦/- |
| ୪. | ପୁସ୍ତକାଳୟ ଓ ପତ୍ରିକା | ଟ. | ୨୦୦/- |
| ୫. | ପରୀକ୍ଷା ଓ ନିରୀକ୍ଷଣ | ଟ. | ୧୦୦/- |
| ୬. | ଚିକିତ୍ସା | ଟ. | ୫୦/- |
| ୭. | ହସ୍ତକର୍ମ | ଟ. | ୨୦୦/- |
| ୮. | ପରିଭ୍ରମଣ | ଟ. | ୨୫୦/- |
| ୯. | ପ୍ରାନ୍ତ ସହଯୋଗ ରାଶି | ଟ. | ୧୪୦/- |
| ୧୦. | ଆଚାର୍ଯ୍ୟ ସହୟତା ପାଣ୍ଠି | ଟ. | ୫୦/- |
| ୧୧. | ପୂଜା (ସରସ୍ୱତୀ ଓ ଗଣେଶ) | ଟ. | ୩୫୦/- |
| ୧୨. | ପରିଚୟ ପତ୍ର | ଟ. | ୫୦/- |
| ୧୩. | ରକ୍ଷଣାବେକ୍ଷଣ | ଟ. | ୩୦୦/- |
| ୧୪. | ସ୍ମାର୍ଟ କ୍ଲାସ୍ | ଟ. | ୬୦୦/- |
| | ମୋଟ | ଟ. | ୧୩,୫୯୦/- |

**ଅନ୍ୟଶ୍ରେଣୀ ନିମନ୍ତେ ଶୁଳ୍କ ବିବରଣୀ :-**

ଶ୍ରେଣୀ:------------ ବାର୍ଷିକ ଶୁଳ୍କ------------ ମାସିକ ପାଠ୍ୟ ଶୁଳ୍କ----------



ଜନ୍ମାଷ୍ଟମୀ ଉତ୍ସବ



ଶ୍ରୀ ଗଣେଶ ପୂଜାରେ ଅର୍ଚ୍ଚନା କାର୍ଯ୍ୟକ୍ରମ



ଶିଶୁ ଉଦ୍ୟାନ



କମ୍ପ୍ୟୁଟର ଲ୍ୟାବ୍



ମାତୃ ସମ୍ମିଳନୀ



ପୁରସ୍କାର ବିତରଣ



କନ୍ୟା ଶିବିର



ବାର୍ଷିକ ବିଜ୍ଞାନ ମେଳା




ଏନ୍.ସି.ସି. ଭାଇ ଭଉଣୀ



ବାର୍ଷିକ ଉତ୍ସବ

सा विद्या या विमुक्तये

# ଆମର ଲକ୍ଷ୍ୟ

ଆମକୁ ଏପରି ଏକ ରାଷ୍ଟ୍ରୀୟ ଶିକ୍ଷାପ୍ରଣାଳୀର
ବିକାଶ କରିବାକୁ ହେବ
ଯଦ୍ୱାରା ଯୁବସମାଜ ରାଷ୍ଟ୍ରଭକ୍ତିରେ ଓତଃପ୍ରୋତଭାବେ ଜଡ଼ିତ ହୋଇ
ଶାରୀରିକ, ମାନସିକ, ବୌଦ୍ଧିକ ଏବଂ ଆଧ୍ୟାତ୍ମିକ ଦୃଷ୍ଟିରୁ
ପୂର୍ଣ୍ଣ ବିକଶିତ ହେବ ତଥା ସାଂପ୍ରତିକ ଆହ୍ୱାନର
ସଫଳ ମୁକାବିଲା କରିବା ସହିତ
ଗ୍ରାମୀଣ, ବନ, ଗିରି, କନ୍ଦର ଓ କୁଡ଼ିଆରେ
ବସବାସ କରୁଥିବା ଦୀନ, ଦୁଃଖୀ, ଅଭାବଗ୍ରସ୍ତ ବଂଧୁମାନଙ୍କୁ
ସାମାଜିକ କୁସଂସ୍କାର, ଶୋଷଣ ଓ ଅନ୍ୟାୟରୁ ମୁକ୍ତ କରାଇ
ରାଷ୍ଟ୍ର ଜୀବନକୁ ସମରସ ସୁସମ୍ପନ୍ନ ଏବଂ ସୁସଂସ୍କୃତ
କରିବା ପାଇଁ ଆଗେଇ ଆସିବ ।

**॥ ବିଦ୍ୟା ଭାରତୀ ॥**

**ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ**

विद्या भारती